**ରାଜ୍ୟ ଯୁବକଲ୍ୟାଣ ପରିଷଦ, ଓଡ଼ିଶା**
**(କ୍ରୀଡ଼ା ଓ ଯୁବ ସେବା ନିର୍ଦ୍ଦେଶାଳୟ)**
**ନୟାପଲ୍ଲୀ, ଭୁବନେଶ୍ୱର-୧୨**

YWB ORISSA

ନଂ: 244(30)/ ତା/ 31.12.2009

ପ୍ରାପ୍ତେଷୁ,

ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ଜିଲ୍ଲା ଯୁବ କଲ୍ୟାଣ ପରିଷଦ

**ବିଷୟ: ୨୦୦୮-୦୯ ବର୍ଷ ପାଇଁ ରାଜ୍ୟ ଯୁବ ପୁରସ୍କାର ଏବଂ ବିଜୁପଟ୍ଟନାୟକ ଯୁବ ସାହାସିକତା ପୁରସ୍କାର ପ୍ରଦାନ ସମ୍ବନ୍ଧରେ ।**

ମହାଶୟା/ମହାଶୟ,

ଉପରୋକ୍ତ ବିଷୟରେ ଏହା ସୂଚାଇ ଦିଆଯାଉଛି ଯେ ୨୦୦୮-୦୯ ବର୍ଷ ପାଇଁ ସାମାଜିକ ତଥା ସାଂସ୍କୃତିକ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଯୁବଗୋଷ୍ଠୀ / ଅନୁଷ୍ଠାନମାନଙ୍କୁ ରାଜ୍ୟ ଯୁବ ପୁରସ୍କାର ଏବଂ ଅଭୂତପୂର୍ବ ସାହାସିକତା ପ୍ରଦର୍ଶନ ପାଇଁ ବିଜୁପଟ୍ଟନାୟକ ରାଜ୍ୟ ଯୁବ ସାହାସିକତା ପୁରସ୍କାର ବରେଣ୍ୟ ଜନନାୟକ ତଥା ଓଡ଼ିଶାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁପଟ୍ଟନାୟକଙ୍କର ପୁଣ୍ୟ ଶ୍ରାଦ୍ଧ ବାର୍ଷିକୀରେ ଆସନ୍ତା ୨୦୦୯ ମସିହା ଏପ୍ରିଲ ୧୭ ତାରିଖ ଦିନ ପ୍ରଦାନ କରାଯିବ । ପ୍ରଣୀତ ନିୟମାନୁସାରେ ନିମ୍ନଲିଖିତ ୧୦ଟି ବିଭାଗରେ ଏହି ପୁରସ୍କାର ପ୍ରଦତ୍ତ ହେବ ।

| | |
|---|---|
| (୧) ସମାଜସେବା ଓ ଜାତୀୟ ପ୍ରଗତି ପାଇଁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଦୁଇଜଣ ଯୁବ ସମାଜସେବୀ ଓ ଗୋଟିଏ ଯୁବ ସ୍ୱେଚ୍ଛାସେବୀ ଅନୁଷ୍ଠାନ | ମୋଟ ୩ |
| (୨) କବିତା, ଉପନ୍ୟାସ / ସୃଜନାତ୍ମକ ପ୍ରବନ୍ଧ | ମୋଟ ୨ |
| (୩) ଚିତ୍ରକଳା ଓ ରେଖାଚିତ୍ର | ମୋଟ ୨ |
| (୪) ଓଡ଼ିଶୀ ନୃତ୍ୟ, ସଂଗୀତ / ଗୀତ | ମୋଟ ୨ |
| (୫) ବିଜୁପଟ୍ଟନାୟକ ଯୁବ ସାହାସିକତା ପୁରସ୍କାର | ମୋଟ ୧ |
| | ମୋଟ ୧୦ |

ରାଜ୍ୟ ଯୁବ ପୁରସ୍କାର ପ୍ରଦାନ ପାଇଁ ପ୍ରଣୀତ ଆଇନ ଅନୁସାରେ ପ୍ରତ୍ୟେକ ଜିଲ୍ଲାର ମନୋନୟନ କମିଟି ସମାଜସେବା ଓ ଜାତୀୟ ପ୍ରଗତି ପାଇଁ ଉଲ୍ଲେଖନୀୟ ସେବା ନିମନ୍ତେ ୨ଜଣ ଯୋଗ୍ୟ ଯୁବକ/ଯୁବତୀ ଓ ଗୋଟିଏ ଯୁବ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନାମ ନିର୍ଦ୍ଧାରିତ ଫର୍ମରେ ପୂରଣ କରି କମିଟିର ଅଧ୍ୟକ୍ଷଙ୍କ ଦସ୍ତଖତରେ ଏହି ପରିଷଦଙ୍କ ନିକଟକୁ ପଠାଇବେ ଓ ତାହା ଏହି ପରିଷଦରେ ତା ୩୧.୧.୧୦ରିଖ ସୁଦ୍ଧା ପ୍ରାପ୍ତ ହେବା ଆବଶ୍ୟକ । ସାହିତ୍ୟିକ କୃତି, ଚିତ୍ରକଳା ଓ ରେଖା ଚିତ୍ର ଆଦି ସୃଜନାତ୍ମକ କ୍ଷେତ୍ରରେ ରାଜ୍ୟ ଯୁବ ପୁରସ୍କାର ପାଇଁ ପ୍ରାର୍ଥୀଙ୍କ ନାମ ମନୋନୟନ ସମୟରେ ଉପରୋକ୍ତ କ୍ଷେତ୍ରରେ ବିଶାରଦ ମାନଙ୍କୁ ନେଇ ଗଠିତ ମନୋନୟନ କମିଟି ମାଧ୍ୟମରେ ସମ୍ପୃକ୍ତ ପ୍ରାର୍ଥୀଙ୍କର ସେହି କ୍ଷେତ୍ରକୁ ଅବଦାନ ଓ କୃତିତ୍ୱକୁ ବିଚାରକୁ ନିଆଯିବ ।

ବିଭିନ୍ନ ଜିଲ୍ଲା ପ୍ରଶାସନ ମାନଙ୍କ ଠାରୁ ପ୍ରାପ୍ତ ସୁପାରିଶ ଗୁଡିକୁ ଯାଞ୍ଚ ଓ ଚୂଡାନ୍ତ ମନୋନୟନ ପାଇଁ ଗଠିତ ରାଜ୍ୟ ମନୋନୟନ କମିଟିଙ୍କ ନିକଟରେ ଉପସ୍ଥାପିତ ହେବ ଓ ପ୍ରତ୍ୟେକ ପୁରସ୍କାର ପାଇଁ ପ୍ରାର୍ଥୀ ମନୋନୟନ କରାଯିବ ।

୨୦୦୮-୦୯ ବର୍ଷ ନିମନ୍ତେ ବିଜୁପଟ୍ଟନାୟକ ଯୁବ ସାହାସିକତା ପୁରସ୍କାର ରାଜ୍ୟ ଯୁବ ପୁରସ୍କାର ସହିତ ଏକ ସମୟରେ ପ୍ରଦାନ କରାଯିବ । ଏଥି ନିମନ୍ତେ ତା ୧.୪.୦୮ରୁ ତା ୩୧.୩.୦୯ ରିଖ ମଧ୍ୟରେ ସମ୍ପୃକ୍ତ ପ୍ରାର୍ଥୀଙ୍କର ଅଦମ୍ୟ ସାହାସିକ କାର୍ଯ୍ୟକଳାପକୁ ବିଚାରକୁ ନିଆଯିବ । ଏହି ପୁରସ୍କାର ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ନାମ ମନୋନୟନ ନିମନ୍ତେ ଗୃହୀତ ହେବାକୁଥିବା ପ୍ରଣାଳୀ ଯୁବ ସାହାସିକତା ପୁରସ୍କାର ପାଇଁ ପ୍ରଣୀତ ନିୟମାବଳୀରେ ଉଲ୍ଲେଖିତ ଅଛି ।

ଉପରୋକ୍ତ ସମସ୍ତ ପୁରସ୍କାର ନିମନ୍ତେ ପ୍ରାର୍ଥୀ / ଅନୁଷ୍ଠାନଙ୍କ ନାମ ମନୋନୟନ ସମୟରେ ଏହି ଉଦ୍ଦେଶ୍ୟରେ ପ୍ରଣୀତ ଆଇନକୁ କଡାକଡି ପାଳନ କରାଯିବା ବାଞ୍ଛନୀୟ ଯଦ୍ୱାରାକି ଭବିଷ୍ୟତରେ କୌଣସି ଆଇନଗତ ଅସୁବିଧା ଉପୁଜିବ ନାହିଁ ।

ଏଣୁ ଆପଣଙ୍କୁ ଅନୁରୋଧ କରାଯାଉଛି ଯେ ଆପଣଙ୍କ ଜିଲ୍ଲାର ସମସ୍ତ ଛାତ୍ର/ଅଣଛାତ୍ର/ଯୁବଗୋଷ୍ଠୀ/ ଯୁବସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ମଧ୍ୟରେ ଏହି ପୁରସ୍କାର ମାନଙ୍କ ସମ୍ବନ୍ଧିତ ବିସ୍ତୃତ ସୂଚନା ପ୍ରଚାର ଓ ପ୍ରସାର ପାଇଁ ଦୟାକରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଓ ଯୋଗ୍ୟ ପ୍ରାର୍ଥୀ ଅନୁଷ୍ଠାନଙ୍କ ନାମ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଏହି ପରିଷଦକୁ ପ୍ରେରିତ ହେଉ ।

ଆପଣଙ୍କ ବିଶ୍ୱସ୍ତ

ସମ୍ପାଦକ
ରାଜ୍ୟ ଯୁବକଲ୍ୟାଣ ପରିଷଦ, ଓଡିଶା

ଜ୍ଞାପକ ସଂଖ୍ୟା 245(26) ତା 31.12.2009

ଏହାର ଏକକିତା ନକଲ ଓଡିଶାର ବିଶ୍ୱବିଦ୍ୟାଳୟର କୂଳ ସଚିବ / ନିର୍ଦ୍ଦେଶକ ଉଚ୍ଚଶିକ୍ଷା ଓଡିଶା / ଆଞ୍ଚଳିକ ନିର୍ଦ୍ଦେଶକ, ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ ଭୁବନେଶ୍ୱର / ସହକାରୀ କାର୍ଯ୍ୟକ୍ରମ ଉପଦେଷ୍ଟା ଜାତୀୟ ସେବା ଯୋଜନା ଆଞ୍ଚଳିକ କେନ୍ଦ୍ର, ଭୁବନେଶ୍ୱର/ ସମସ୍ତ ନେହେରୁ ଯୁବକେନ୍ଦ୍ରର ଯୁବ ସଂଯୋଜକଙ୍କ ନିକଟକୁ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରିତ ହେଲା ।

(ସମ୍ପାଦକ)
ରାଜ୍ୟ ଯୁବକଲ୍ୟାଣ ପରିଷଦ, ଓଡିଶା

ଜ୍ଞାପକ ସଂଖ୍ୟା 246 ତା 31.12.2009

ଏହାର ଏକକିତା ନକଲ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ବ୍ୟକ୍ତିଗତ ସଚିବଙ୍କ ନିକଟକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ସଦୟ ଅବଗତି ନିମନ୍ତେ ପ୍ରେରିତ ହେଲା ।

(ସମ୍ପାଦକ)
ରାଜ୍ୟ ଯୁବକଲ୍ୟାଣ ପରିଷଦ, ଓଡିଶା

ଜ୍ଞାପକ ସଂଖ୍ୟା 247(30) ତା 31.12.2009

ଏହାର ଏକକିତା ନକଲ ସମସ୍ତ ଜିଲ୍ଲାକ୍ରୀଡା ଅଧିକାରୀଙ୍କ ନିକଟକୁ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରିତ ହେଲା । ସେମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୃକ୍ତ ଜିଲ୍ଲାର ଯୋଗ୍ୟ ପ୍ରାର୍ଥୀଙ୍କ ନାମ ଏହି କାର୍ଯ୍ୟାଳୟକୁ ସୁପାରିଶ ପାଇଁ ପଦକ୍ଷେପ ନେବା ଆବଶ୍ୟକ ।

(ସମ୍ପାଦକ)
ରାଜ୍ୟ ଯୁବକଲ୍ୟାଣ ପରିଷଦ, ଓଡିଶା

ଜ୍ଞାପକ ସଂଖ୍ୟା 248(314) ତା 31.12.2009

ଏହାର ଏକକିତା ନକଲ ରାଜ୍ୟର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଞ୍ଚାୟତ ସମିତିଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରିତ ହେଲା ।

(ସମ୍ପାଦକ)
ରାଜ୍ୟ ଯୁବକଲ୍ୟାଣ ପରିଷଦ, ଓଡିଶା

ଜ୍ଞାପକ ସଂଖ୍ୟା 249(36) ତା 31.12.2009

ଏହାର ଏକକିତା ନକଲ ରାଜ୍ୟ ଯୁବକଲ୍ୟାଣ — ସାଧାରଣ ପରିଷଦର ସମସ୍ତ ସଭ୍ୟଙ୍କ ନିକଟକୁ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରିତ ହେଲା ।

(ସମ୍ପାଦକ)
ରାଜ୍ୟ ଯୁବକଲ୍ୟାଣ ପରିଷଦ, ଓଡିଶା

ଜ୍ଞାପକ ସଂଖ୍ୟା 250(3) ତା 31.12.2009

ଏହାର ଏକକିତା ନକଲ ସମ୍ପାଦକ, ଓଡିଶା ସାହିତ୍ୟ ଏକାଡେମୀ / ଓଡିଶା ସଙ୍ଗୀତ ନାଟକ ଏକାଡେମୀ / ଓଡିଶା ଲଳିତ କଳା ଏକାଡେମୀଙ୍କ ନିକଟକୁ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ଦିମନ୍ତେ ପ୍ରେରିତ ହେଲା ।

(ସମ୍ପାଦକ)
ରାଜ୍ୟ ଯୁବକଲ୍ୟାଣ ପରିଷଦ, ଓଡିଶା

Memo No 06 / Date 25.01.2010.

Copy forwarded to the DIO, NIC, Collectorate, Bhadrak, for information and necessary action, and he is requested to publish through web-site NIC, Bhadrak.

25.01.2010

District Sports Officer
BHADRAK